# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୫୪ (ଓଡ଼ିଆ ବୁଲେଟିନ)　　ସପ୍ତାହ - ୨୭　　ତାରିଖ: ୦୮.୦୭.୨୦୨୫

## ଜିଲ୍ଲା – ବରଗଡ଼

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୦୨.୦୭.୨୦୨୫ ରୁ ୦୮.୦୭.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୦୨ | ୦୩ | ୦୪ | ୦୫ | ୦୬ | ୦୭ | ୦୮ | ୦୨ | ୦୩ | ୦୪ | ୦୫ | ୦୬ | ୦୭ | ୦୮ | ୦୨ | ୦୩ | ୦୪ | ୦୫ | ୦୬ | ୦୭ | ୦୮ |
| ବରଗଡ଼ | 29 | 29 | 29 | 29 | 27 | 28 | 27 | 25 | 25 | 25 | 25 | 25 | 25 | 24 | 21 | 51 | 10 | 7 | 27 | 50 | 19 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୯-୦୭-୨୦୨୫ | ୧୦-୦୭-୨୦୨୫ | ୧୧-୦୭-୨୦୨୫ | ୧୨-୦୭-୨୦୨୫ | ୧୩-୦୭-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 18.9 | 25 | 5.1 | 4 | 4.7 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 29 | 30 | 31 | 32 | 32 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 25 | 26 | 26 | 27 | 27 |
| ମେଘ ଆବରଣ (ଓକଟା) | 8 | 8 | 5 | 5 | 4 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 93 | 92 | 91 | 90 | 86 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 73 | 78 | 81 | 71 | 58 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 14 | 12 | 13 | 9 | 8 |
| ପବନର ଦିଗ (ଡିଗ୍ରୀ) | 242 | 223 | 222 | 238 | 249 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଆକାଶ ସାଧାରଣତଃ କିମ୍ବା ସମ୍ପୂର୍ଣ ମେଘାଚ୍ଛନ୍ନ ରହିବାର ସମ୍ଭାବନା ଅଛି । ଆସନ୍ତା ସପ୍ତାହରେ ଉଭୟ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆଗାମୀ ପାଞ୍ଚ ଦିନ ମଧ୍ୟରେ ଆର୍ଦ୍ରତା ଅଧିକ ରହିବା ସହିତ ୮ ରୁ ୧୪ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

### ସାଧାରଣ ଉପଦେଶ

- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ଜିଲ୍ଲା ସ୍ତରୀୟ ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ହାଲୁକା ରୁ ମଧ୍ୟମ ବର୍ଷା ସହିତ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସପ୍ତାହର ପ୍ରଥମ ଗୋଟେ କିମ୍ବା ଦୁଇ ଦିନ ମଧ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଅଛି, ତେଣୁ ଚାଷୀମାନଙ୍କୁ କୃଷି କାର୍ଯ୍ୟ ଯଥା ବୁଣା, ରୋପଣ, ସିଞ୍ଚନ ଇତ୍ୟାଦି କରିବା ପାଇଁ ଗୋଟେ ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି ।
- ପାଣିପାଗର ପ୍ରଚଳିତ ସ୍ଥିତି (ମେଘୁଆ ପାଗ ସହିତ ଅଧିକ ଆର୍ଦ୍ରତା) ଫଳ ଓ ପନିପରିବା ଫସଲରେ ମୂଳ ପଚା, ଝାଉଳା, ଫଳ ପଚା, କାଣ୍ଡ ପଚା ଇତ୍ୟାଦି ବିଭିନ୍ନ ରୋଗ ସହିତ ଶୋଷକ କୀଟମାନଙ୍କ ସଂଖ୍ୟାରେ ବୃଦ୍ଧି ଦେଖାଯିବାର ମଧ ସମ୍ଭାବନା ବନିପାରେ, ତେଣୁ ଚାଷୀମାନଙ୍କୁ ଏହି ରୋଗଗୁଡ଼ିକର ଆକ୍ରମଣ ପ୍ରତି ନିଜ ଫସଲର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି ।

- ଯଦି ପୂର୍ବ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ, ତେବେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବାର ବ୍ୟବସ୍ଥା କରନ୍ତୁ ଏବଂ ଯଦି ସମ୍ଭବ ହୁଏ ତେବେ ଅତିରିକ୍ତ ପାଣିକୁ ଭବିଷ୍ୟତରେ ବ୍ୟବହାର ପାଇଁ ସଂରକ୍ଷଣ କରିନିଅନ୍ତୁ ।

## ସଂକ୍ଷିପ୍ତ ଉପଦେଶ

- ପ୍ରଚଳିତ ପାଣିପାଗରେ କୁକୁଡ଼ାମାନଙ୍କରେ ଘୁମା ରୋଗ (ରାନିକ୍ଷେତ) ର ଲକ୍ଷଣ ଦେଖାଗଲାଣି ତେଣୁ ଏହା ପ୍ରତି ସତର୍କ ରୁହନ୍ତୁ ଏବଂ ଯଦି ଦରକାର ପଡ଼େ ନିକଟସ୍ଥ ପଶୁ ଚିକିତ୍ସା କେନ୍ଦ୍ର ସହ ଯୋଗାଯୋଗ କରନ୍ତୁ ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ ଧାନ | ଜମି ପ୍ରସ୍ତୁତି / ନର୍ସରୀ ପ୍ରସ୍ତୁତି / ମୁଖ୍ୟ ଜମି ପ୍ରସ୍ତୁତି | • ପ୍ରଚଳିତ ବର୍ଷାର ସ୍ଥିତିକୁ ବିଚାରକୁ ନେଇ, ଚାଷୀମାନଙ୍କୁ ଖରିଫ ଧାନ ଫସଲର ନର୍ସରୀ ବୁଣା ପାଇଁ ଜମି ପ୍ରସ୍ତୁତି ଆରମ୍ଭ କରିଦେବାକୁ ଏବଂ ଯେଉଁଠି ନର୍ସରୀ ବୁଣା ସରିଗଲାଣି ସେଠି ପୂର୍ବ ବର୍ଷାର ଲାଭ ଉଠାଇ ମୁଖ୍ୟ ଜମି ପ୍ରସ୍ତୁତି କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି ।<br>• ଓଦା ତଳି ଘେରା ପାଇଁ, ପୂର୍ବ-ଅଙ୍କୁରିତ ବିହନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ କାଦୁଅ ହୋଇଥିବା ସମତଳ ମାଟିରେ ଛାଟି ଦିଆଯାଏ । ପାଣିକୁ ସଠିକ୍ ଭାବରେ ନିଷ୍କାସନ କରିବା ପାଇଁ ଡ୍ରେନେଜ୍ କେନାଲ ନିର୍ମାଣ କରାଯିବା ଆବଶ୍ୟକ ।<br>• ଗୋଟେ ଏକର ଜମିରେ ରୋପଣ ପାଇଁ ପ୍ରାୟ ୩୨୦ ବର୍ଗ ମିଟର କ୍ଷେତ୍ରଫଳ ବିଶିଷ୍ଟ ନର୍ସରୀ ତଳି ଘରା ଆବଶ୍ୟକ ହୋଇଥାଏ । ୧୦ ସେମି ଉଚ୍ଚ, ୧.୨ ରୁ ୧.୫ ମିଟର ଚଉଡା ଏବଂ ସୁବିଧାଜନକ ଲମ୍ବ ବିଶିଷ୍ଟ ଓଦା ନର୍ସରୀ ପ୍ରସ୍ତୁତ କରନ୍ତୁ । ଦୁଇଟି ବେଡ୍ ମଧ୍ୟରେ ୩୦ ରୁ ୪୫ ସେମି ଚଉଡାର ଭଲ ଭାବରେ ଜଳସେଚନ/ନିଷ୍କାସନ ପଥ ରଖିବା ଆବଶ୍ୟକ ।<br>• ନର୍ସରୀ ବୁଣା ପାଇଁ ଭଲ ଅମଳ ଦେଉଥିବା କିସମ ପାଇଁ ଏକର ପ୍ରତି ୧୨-୧୬ କିଲୋଗ୍ରାମ ବିହନ ଏବଂ ହାଇବ୍ରିଡ୍ ପାଇଁ ୫-୬ କିଲୋଗ୍ରାମ ବିହନ ବ୍ୟବହାର କରନ୍ତୁ । ପ୍ରତି ୧୦୦ ବର୍ଗ ମିଟର ନର୍ସରୀ ପାଇଁ କମ୍ ଉର୍ବର ଜମିରେ ଜମି ପ୍ରସ୍ତୁତି ସମୟରେ ଓଦା ନର୍ସରୀରେ ନାଇଟ୍ରୋଜେନ୍, ଫସଫରସ୍ ଏବଂ ପଟାସ ସାର ଯଥାକ୍ରମେ ୦.୫-୧.୦ କିଲୋଗ୍ରାମ, ୦.୫ କିଲୋଗ୍ରାମ ଓ ୦.୫ କିଲୋଗ୍ରାମ ପ୍ରୟୋଗ କରନ୍ତୁ । |
| ମକା | ବୁଣିବା ଅବସ୍ଥା / ଅଂଗିୟ ଅବସ୍ଥା | • ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ମକା ବିହନ ବୁଣିବା ସମୟରେ ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି । ଚାଷୀମାନେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବା ପରେ ମକା ବିହନ ବୁଣିବା ଆରମ୍ଭ କରିବା ଉଚିତ । ଯଦି ଆବଶ୍ୟକ ପଡ଼େ, ଯେଉଁଠି ଅଧିକ ବର୍ଷା ଯୋଗୁଁ ବିହନ ଧୋଇ ହୋଇଯାଇଛି କିମ୍ବା ଅଂକୁରଣ ହୋଇ ନାହିଁ ସେଠି ପୁଣିଥରେ ବିହନ ବୁଣନ୍ତୁ ।<br>• ମକା ଖେତରେ ଘାସ ନିୟନ୍ତ୍ରଣ ପାଇଁ, ଚାଷୀମାନେ ବୁଣିବାର ୩ ଦିନ ମଧ୍ୟରେ ପର୍ଯ୍ୟାପ୍ତ ମାଟି ଆର୍ଦ୍ରତାରେ ପ୍ରତି ଏକର ପିଛା ୨୦୦ ଲିଟର ପାଣିରେ ୫୦୦ ରୁ ୮୦୦ ଗ୍ରାମ ଆଟ୍ରାଜିନ୍ ୫୦% ଡବ୍ଲୁ.ପି. କୁ ଭଲଭାବରେ ମିଶାଇ ଖେତରେ ପ୍ରୟୋଗ କରନ୍ତୁ । ଯଦି ଦରକାର ପଡେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରି ସିଞ୍ଚନ କାର୍ଯ୍ୟ କରନ୍ତୁ । |
| ହରଡ଼ | ବୁଣିବା ଅବସ୍ଥା / ଅଂଗିୟ ଅବସ୍ଥା | • ହରଡ଼ରେ ମାଟି ଏବଂ ବିହନ ବାହିତ ରୋଗ ନିୟନ୍ତ୍ରଣ ପାଇଁ, ଫସଲ ବୁଣିବା ପୂର୍ବରୁ ଯେକୌଣସି ଉପଯୁକ୍ତ କବକନାଶକ ସହିତ ବିହନ ବିଶୋଧନ କରିବା ଉଚିତ ଏବଂ ରାଇଜୋବିୟମ୍ କଲଚର @ ୨୦ ଗ୍ରାମ ପ୍ରତି କିଲୋଗ୍ରାମ ବିହନ ସହିତ ଏବଂ ତା'ପରେ ଟ୍ରାଇକୋଡର୍ମା ଭିରିଡେ ୫ ରୁ ୭ ଗ୍ରାମ / କିଲୋଗ୍ରାମ ବିହନ ସହିତ ବୁଣିବାର କିଛି ଘଣ୍ଟା ପୂର୍ବରୁ ବିଶୋଧନ କରିଯିବା ଉଚିତ।<br>• **ଘାସ ପରିଚାଳନା:** ବୁଣିବାର ୭୨ ଘଣ୍ଟା ମଧ୍ୟରେ ୧ ଲିଟର ପେଣ୍ଡିମିଥାଲିନ୍ ୩୦% ଇସିକୁ ପ୍ରତି ଏକର ହିସାବରେ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି, ଚାଷୀମାନେ ବିହନ ବୁଣା ତଥା ସିଞ୍ଚନ କାର୍ଯ୍ୟ ପାଇଁ ଗୋଟେ ଦିନ ଅପେକ୍ଷା କରନ୍ତୁ । |
| ଫଳ ଓ ପନିପରିବା ଚାଷ | ନର୍ସରୀ ବୁଣା / ଚାରା / ରୋପଣ | • ଫଳ ଏବଂ ପନିପରିବା ଫସଲରେ ଅତିରିକ୍ତ ଜଳର ନିଷ୍କାସନ ପରେ ବିହନ ବୁଣା ଏବଂ ଚାରା ରୋପଣ କାର୍ଯ୍ୟ କରାଯିବା ଉଚିତ ଏବଂ ନର୍ସରୀ ବେଡ (ତଳି ଘେରା) ରେ ପର୍ଯ୍ୟାପ୍ତ ଜଳ ନିଷ୍କାସନର ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ।<br>• ପ୍ରଚଳିତ ପାଗ ଯୋଗୁଁ ବିଭିନ୍ନ ପ୍ରକାର ରୋଗର ସଂକ୍ରମଣ ବଢିବାର ଦେଖାଯାଇପାରେ ତେଣୁ ଏହା ପ୍ରତି ନଜର ରଖିବା ପାଇଁ ପରାମର୍ଶ ଦିଆଯାଇଅଛି । |

| | | |
|---|---|---|
| | | • ଉଦ୍ୟାନ ଫସଲ ଏବଂ ପନିପରିବାଗୁଡ଼ିକୁ ଅଧିକ ପବନର ଗତିରୁ ରକ୍ଷା କରିବା ପାଇଁ ସେମାନଙ୍କୁ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ । |
| ଗୋରୁ ଗାଈ ଓ ମଇଷି | • ପୂର୍ବ ଦିନଗୁଡିକରେ ହୋଇଥିବା ଭାରି ବର୍ଷା ଯୋଗୁଁ ଅନେକ ପ୍ରକାରର ସଂକ୍ରାମକ ପଶୁ ରୋଗ ଯେପରିକି ସାହାଣ, ବଜବଜିଆ, ଫାଟୁଆ ଆଦି ରୋଗମାନଙ୍କର ସଂକ୍ରମଣ ଏବଂ ମଶା, ମାଛି ଓ ବିଭିନ୍ନ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧି ପାଇପାରେ, ତେଣୁ ଏହା ପ୍ରତି ସତର୍କ ରୁହନ୍ତୁ ଏବଂ ଯଥାଶୀଘ୍ର ଏହି ରୋଗମାନଙ୍କ ପାଇଁ ଟୀକାକରଣର ବ୍ୟବସ୍ଥା କରନ୍ତୁ ଓ ଆବଶ୍ୟକ ସ୍ଥଳେ କୃମିନାଶକ ଔଷଧର ସେବନ ନିଶ୍ଚୟ କରାନ୍ତୁ ।<br>• ପଶୁମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣରୁ ଦୂରରେ ରଖନ୍ତୁ ଏବଂ ବାହାରେ ଖୋଲାରେ ନ ବାନ୍ଧି ସୁରକ୍ଷିତ ଆଶ୍ରୟରେ ରଖନ୍ତୁ । ବର୍ଷା ଜଳ ସିଧାସଳଖ ଗୁହାଳ ଭିତରକୁ ନ ପଶିବା ପାଇଁ ଉଚିତ ବ୍ୟବସ୍ଥା କରନ୍ତୁ । | |
| କୁକୁଡ଼ା | • କୁକୁଡ଼ାମାନଙ୍କ କ୍ଷେତ୍ରରେ ବର୍ଷାଦିନେ ସାଧାରଣତଃ ଶ୍ବାସ ଜନିତ ରୋଗ, ଝାଡାରୋଗ ଓ ଆନ୍ତ୍ରିକ ରୋଗ ଦେଖିବାକୁ ମିଳିପାରେ । ବର୍ଷାଦିନେ ପାନୀୟ ଜଳ ଦୂଷିତ ହେଉଥିବା ଯୋଗୁଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନିହାତି କରିବା ଦରକାର । କୁକୁଡ଼ା ଘରକୁ ବାୟୁ ଚଳପ୍ରଚଳର ସୁବିଧା ସହିତ ବର୍ଷା ଜଳ ଘର ଭିତରକୁ ସିଧା ନ ପଶିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିନିଅନ୍ତୁ । | |


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ଢ଼ୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ଛିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ।